କେନ୍ଦ୍ର ସମବାୟ ସମ୍ପାଦକ ଅଭୟ ଲେଙ୍କା ଉପସ୍ଥିତ ରହି ସମିତିର ସମସ୍ତ ନବନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ସେବା ସମବାୟ ସମିତିର କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଇଁ ପରାମର୍ଶ ଦେଇଥିଲେ।

# ଉତ୍କଳ ବିଶ୍ୱବିଦ୍ୟାଳୟ ହ୍ୟାଣ୍ଡବଲ୍ ଦଳରେ ଆକାଂକ୍ଷା

ସାଲେପୁର, ୧୫।୧୨ (ନି.ପ୍ର.): ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ସମ୍ମାନର ଶେଷବର୍ଷ କଳା ଛାତ୍ରୀ ଆକାଂକ୍ଷା ମିଶ୍ର ଉତ୍କଳ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ହେଉଥିବା ମହିଳା ହ୍ୟାଣ୍ଡବଲ୍ ପ୍ରତିଯୋଗିତାରେ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ଉତ୍କଳ ବିଶ୍ୱବିଦ୍ୟାଳୟ ହ୍ୟାଣ୍ଡବଲ୍ ଦଳରେ 'ସାମିଲ ହୋଇଛନ୍ତି। ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ମେଘାଳୟ ଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ହ୍ୟାଣ୍ଡବଲ୍ ପ୍ରତିଯୋଗିତାରେ ଆକାଂକ୍ଷା ଯୋଗଦେବେ।



ଏଥିପାଇଁ ସେ ତାଙ୍କର କ୍ରୀଡ଼ା ଶିକ୍ଷକ ବସନ୍ତ କୁମାର ଲେଙ୍କାଙ୍କ ତତ୍ତ୍ୱାବଧାନରେ ଅଭ୍ୟାସ କରୁଛନ୍ତି। ତାଙ୍କର ଏହି କୃତିତ୍ୱ ନେଇ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର କ୍ରୀଡ଼ା ସଂସଦର ଉପସଭାପତି ଡଃ ବିଚିତ୍ରାନନ୍ଦ ଦାସ, ଅଧ୍ୟକ୍ଷା ଡଃ ସଙ୍ଗୀତା ମିଶ୍ର ଏବଂ ପରିଚାଳନା କମିଟିର ସଭାପତି ମନୋରଞ୍ଜନ ଦାସ ଅଭିନନ୍ଦନ ଜଣାଇ ତାଙ୍କର ସଫଳତା ଆଶା କରିଛନ୍ତି।

2022.12.16 10:32